ଓୟୁଏଟି ପ୍ରକାଶନ ସଂଖ୍ୟା :

# ବୈଜ୍ଞାନିକ ପ୍ରଣାଳୀରେ ଚିନାବାଦମ ଚାଷ



: ସମ୍ପାଦନା ମଣ୍ଡଳୀ :


**ଡ. ସଂଜୀବ କୁମାର ମାଣ୍ଡ**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଶ୍ରୀ ଜାନୁଆରିୟସ୍ କୁଜୁରି**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

**ଡ. ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

: ମୁଖ୍ୟ ସମ୍ପାଦନା :

**ଡ. ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବୈଜ୍ଞାନିକ ପ୍ରଣାଳୀରେ ଚିନାବାଦମ ଚାଷ


<u>ସମ୍ପାଦକୀୟ ମଣ୍ଡଳୀ</u>

**ଡ. ସଂଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଶ୍ରୀ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

**ଡ. ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

<u>ମୁଖ୍ୟ ସମ୍ପାଦକ</u>

**ଡ. ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ସମ୍ପାଦକୀୟ ମଣ୍ଡଳୀ :

ଡ. ସଂଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଶ୍ରୀ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

ଡ. ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ମୁଖ୍ୟ ସମ୍ପାଦକ :

ଡ. ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଓ.ୟୁ.ଏ.ଟି ପ୍ରକାଶନ ସଂଖ୍ୟା: ୨୦୨୫୦୭୦୫୨୦

2025070520

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ : ୨୦୨୫-୨୬

# ବୈଜ୍ଞାନିକ ପ୍ରଣାଳୀରେ ଚିନାବାଦାମ ଚାଷ

ଚିନାବାଦାମ ଏକ ତୈଳବୀଜ ଜାତୀୟ ଅର୍ଥକାରୀ ଫସଲ । ଏହାର ଉତ୍ପାଦନ ଓ ବ୍ୟବହାରରେ ଭାରତ ପୃଥିବୀରେ ପ୍ରଥମ । ସବୁ ସ୍ଥାନରେ ଚିନାବାଦାମର ଆଦର ରହିଛି । ଏହାର ମଞ୍ଜିକୁ ଭାଜି, ସିଝାଇ ଖିଆଯାଏ । ତେଲକୁ ଖାଇବା ବ୍ୟତୀତ ବନସ୍ପତି ଘିଅ ଓ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ପିଡ଼ିଆକୁ ପଶୁ, ପକ୍ଷୀ ଖାଦ୍ୟ ଓ ସାର ରୂପେ ଏବଂ ଅମଳ ପରେ ଗଛକୁ ଗୋଖାଦ୍ୟ (ବୋଡି) ରୂପେ ବ୍ୟବହାର କରାଯାଏ । ଏହାର ମଞ୍ଜିରେ ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଧାତବଲବଣ (ଫସ୍‌ଫରସ୍, କ୍ୟାଲସିୟମ୍, ଆଇରନ୍), ଭିଟାମିନ୍ ବି(ଥାୟାମିନ୍, ରାଇବୋଫ୍ଲାବିନ୍, ନିକୋଟିନିକ୍ ଏସିଡ୍) ଏବଂ ଭିଟାମିନ୍ ଇ ଥାଏ ।

## ଜଳବାୟୁ :

ବିଷୁବ ବା ଉପ ବିଷୁବ ମଣ୍ଡଳୀୟ ଜଳବାୟୁରେ ଚିନାବାଦାମ ଚାଷ କରାଯାଏ । ସମୁଦ୍ର ପତନ ଠାରୁ ୧୨୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବାର୍ଷିକ ୫୦୦-୧୫୦୦ ମିଲିମିଟର ବୃଷ୍ଟିପାତ ଅଞ୍ଚଳରେ ଏହି ଚାଷ କରାଯାଇଥାଏ । ୨୦-୨୫ଡି.ଗ୍ରୀ. ସେଲସିୟସ୍ ଉତ୍ତାପ ଅଧିକ ଉପଯୋଗୀ ।

## ମୃତ୍ତିକା :

ପରାଗ ସଙ୍ଗମ ପରେ ଫୁଲର ଡେମ୍ଫ ତଳକୁ ନଇଁଯାଇ କଷି ଫଳଟି ମାଟି ଭିତରକୁ ପଶିଥାଏ । ତେଣୁ ହାଲୁକା, ଉର୍ବର, ନିଗିଡା ଏବଂ ବାଲିଦୋରସା ତଥା ଅମ୍ଳତା (ପି.ଏଚ୍) ୬.୫-୭.୫ ଥିବା ମାଟିରେ ଚିନାବାଦାମ ଭଲ ହୋଇଥାଏ । ଅମ୍ଳୀୟ ମାଟିରେ ଚିନାବାଦାମ ଫମ୍ପା ହୋଇଥାଏ । ବର୍ଷା ଋତୁରେ ନିଗିଡା ଜମି ଏବଂ ଗ୍ରୀଷ୍ମ ଋତୁରେ ଜଳସେଚିତ ଜମି ଆବଶ୍ୟକ ।

## କିସମ :

ଗଛର ବୃଦ୍ଧି ଅନୁସାରେ ଚିନାବାଦାମକୁ ତିନି ଭାଗରେ ବିଭକ୍ତ କରାଯାଇପାରେ ।

| ଗଛର ପ୍ରକୃତି | ଉନ୍ନତ କିସମ |
|---|---|
| ସିଧା ବା ଗୁଚ୍ଛ: | ଏ.କେ ୧୨-୨୪,ଟି.ଜି୩, ଟି.ଏ.ଜି.ଆଇ.ସି.ଜି.ଏସ୍୧୧, କିଷାନ, ଜୱାନ, ସ୍ମୃତି, ଜେ.ଏଲ୍-୨୪ |
| ମଧ୍ୟମ ଲୋଟଣୀ : | କାଦିରି-୩, ଆଇ.ସି.ଜି.ଏସ୍-୪୪, କାଦିରି-୬, ଧରଣୀ |
| ଲୋଟଣୀ ବା ଧାବକ : | ପଞ୍ଜାବ- ୧,ଏମ୍-୧୩ |

ସିଧା ବା ଗୁଚ୍ଛ କିସମର ଗଛଗୁଡ଼ିକ ସିଧା ଭାବରେ ବଢେ ଏବଂ ଚିନାବାଦାମ ମୂଳ ପାଖରେ ଗୁଚ୍ଛ ହୋଇ ଫଳିଥାଏ । ମଧମ ଲୋଟଣୀରେ ଗଛ ସିଧା ବଢେ କିନ୍ତୁ ଡାଳ ମାଟିରେ ଲାଗିଯାଏ । ଲୋଟଣୀ ବା ଧାବକ କିସମରେ ଗଛ ଗୁଡିକ ଝଙ୍କାଳିଆ ହୋଇ ମାଟି ଉପରେ ଖେଳେଇ ହୋଇ ରହେ ଏବଂ ଏହାର ଡାଳ ମାଟିକୁ ଛୁଇଁ ଥିବା ସ୍ଥାନରେ ଚିନାବାଦାମ ଫଳିବାର ଦେଖାଯାଏ । ଲୋଟଣୀ କିସମ କେବଳ ବର୍ଷା ଋତୁରେ ଚାଷ କରାଯାଏ । ଋତୁ ଅନୁସାରେ ନିମ୍ନ କିସମଗୁଡ଼ିକ ଚାଷ କରାଯାଏ ।

| କ୍ର.ନ. | ଋତୁ | କିସମ |
|---|---|---|
| ୦୧ | ବର୍ଷାଋତୁ | ଏକେ ୧୨-୨୪, କିସାନ, ଜେ-ଏଲ୍-୨୪, ଆଇ.ସି.ଜି.ଏସ୍.-୧୧, ଆଇ.ସି.ଜି.ଏସ୍.-୪୪, କିକି-୨ |
| ୦୨ | ରବିଋତୁ | ଏକେ ୧୨-୨୪, ଜେ.ଏଲ୍.-୨୪, ଜୱାନ, ସ୍ମୃତି, କିଷାନ, କାଦିରି-୬ |

## ବିହନ :

ଗଛର ପ୍ରକୃତି ଅନୁସାରେ ବିହନ ପରିମାଣ ସ୍ଥିର କରାଯାଇଥାଏ । ବିହନଗୁଡ଼ିକ ୭୦ପ୍ରତିଶତରୁ ଅଧିକ ଅଙ୍କୁରୋଦଗମ୍ କ୍ଷମତା ବିଶିଷ୍ଟ ଏବଂ ପରୀକ୍ଷିତ ହେବା ଉଚିତ୍ । ଛୋଟ, ଭଙ୍ଗା ତଥା ରୋଗାକ୍ରାନ୍ତ ମଞ୍ଜିକୁ ବୁଣିବା ଅନୁଚିତ୍ । ଚୋପାକୁ ମଞ୍ଜି ଛଡା ଯନ୍ତ୍ର ବା ହାତରେ ଛଡାଇବା ଉଚିତ୍ । ମଞ୍ଜି ଛଡାଇବାର ୨, ୩ ଦିନ ମଧ୍ୟରେ ବୁଣିବା ଉଚିତ୍ ଅନ୍ୟଥା ଗଜା ଶକ୍ତି କମିଯାଏ (୬-୭ଦିନ ପର୍ଯ୍ୟନ୍ତ ରଖାଯାଇପାରେ) । ବିହନ ବୁଣିବାର ୭ଦିନ ପୁର୍ବରୁ ପ୍ରତି କି.ଗ୍ରା ବିହନ ସହିତ ୩ଗ୍ରାମ୍ କାପଟାନ୍ ମିଶାଇ ବିଶୋଧନ କରାଯାଏ । ପୁନଶ୍ଚ ବୁଣିବାର ୧ଘଣ୍ଟା ପୁର୍ବରୁ ରାଇଜୋବୀୟମ୍ କଲଚର (R.Japonicum ବା Bradyrhizobium)ରେ ବିଶୋଧନ କରାଯାଏ । ୨୦୦ ଗ୍ରାମ୍ କଲଚର ସହିତ ୪୦୦ମି.ଲି. ପାଣି ଓ ୩ଗ୍ରାମ୍ ସୋଡିୟମ୍ ମଲିବିଡେଟ କିମ୍ବା ଆମୋନିୟମ ମଲିବିଡଟ୍ ଏବଂ ୮୦ଗ୍ରାମ୍ ପି.ଏସ୍.ବି. ଘୋଳ ପ୍ରସ୍ତୁତ କରି ୧୦କି.ଗ୍ରା. ମଞ୍ଜିକୁ ଗୋଳାଇ ଛାଇରେ ଶୁଖାଇ ଉପରବେଳା ବୁଣାଯାଏ ।

| ଗଛର ପ୍ରକୃତି | ବିହନ ପରିମାଣ (କି.ଗ୍ରା./ଏକର) | | ଲଗାଇବା ଦୂରତ୍ୱ (ସେ.ମି.) | ଏକର ପ୍ରତି ଗଛ ସଂଖ୍ୟା (ଲକ୍ଷରେ) |
|---|---|---|---|---|
| | ମଞ୍ଜି | ଚିନାବାଦାମ | ଧାଡ଼ି X ଗଛ | |
| ସିଧା ବା ଗୁଚ୍ଛ | ୨୮ | ୪୦ | ୩୦X୧୦ | ୦.୫୩ |
| ମଧମ ଲୋଟଣୀ | ୨୨.୫ | ୩୨ | ୪୫X୧୫ | ୦.୨୩ |
| ଲୋଟଣୀ | ୧୬.୮ | ୨.୪ | ୬୦X୨୦ | ୦.୧୩ |

# ଚିନାବାଦାମର ଉନ୍ନତ କିସମ ସମୂହ

## ୧. କାଦିରି-୬ :

ଚିନାବାଦାମ କିସମ କାଦିରି ୬ ଷ୍ଟେଟ୍ ଭେରାଇଟି ରିଲିଜି କମିଟି (SVRC) ଦ୍ୱାରା ୨୦୦୨ ମସିହାରେ ପ୍ରକାଶିତ ହୋଇଥିଲା । ଏହି କିସମଟି ପରିପକ୍ୱ ହେବାପାଇଁ ଖରିଫ ଋତୁରେ ୧୦୦ – ୧୦୫ ଦିନ ଓ ରବି ଋତୁରେ ୧୧୦ - ୧୧୫ ଦିନ ଲାଗିଥାଏ । ଉଭୟ ଖରିଫ ଓ ରବି ଋତୁରେ ଏହି କିସମଟି ଚାଷ ପାଇଁ ଉପଯୁକ୍ତ । କାଦିରି ୬ କିସମଟି ଉଚ୍ଚ ଫଳନଶୀଳ (ହାରାହାରି ୨୦-୨୫ କୁଇଣ୍ଟାଲ ଖରିଫ ଋତୁରେ ଏବଂ ୪୦-୪୫ କୁଇଣ୍ଟାଲ ରବି ଋତୁରେ ପ୍ରତି ହେକ୍ଟର ପିଛା ) । ଏହି କିସମର ଫଳ ଦେଖିବାକୁ ଆକର୍ଷଣୀୟ ଏବଂ ଏହା ଶୀଘ୍ର ପାଚିଥାଏ ।

## ୨. କାଦିରି ୯ :

ଚିନାବାଦାମ କିସମ କାଦିରି ୯ ଷ୍ଟେଟ୍ ଭେରାଇଟି ରିଲିଜି କମିଟି (SVRC) ଦ୍ୱାରା ୨୦୦୯ ମସିହାରେ ପ୍ରକାଶିତ ହୋଇଥିଲା । ଏହି କିସମଟି ପରିପକ୍ୱ ହେବାପାଇଁ ଖରିଫ ଋତୁରେ ୧୨୦ ଦିନ ଓ ରବି ଋତୁରେ ୧୨୫ ଦିନ ଲାଗିଥାଏ । ଉଭୟ ଖରିଫ ଓ ରବି ଋତୁରେ ଏହି କିସମଟି ଚାଷ ପାଇଁ ଉପଯୁକ୍ତ । କାଦିରି ୯ କିସମଟି ଉଚ୍ଚ ଫଳନଶୀଳ (ହାରାହାରି ୨୦-୨୫ କୁଇଣ୍ଟାଲ ଖରିଫ ଋତୁରେ ଏବଂ ୩୫-୪୦ କୁଇଣ୍ଟାଲ ରବି ଋତୁରେ ପ୍ରତି ହେକ୍ଟର ପିଛା) । ଏହି କିସମର ଫଳ ଦେଖିବାକୁ ଆକର୍ଷଣୀୟ, ଅଧିକ ତୈଳଯୁକ୍ତ, ମରୁଡି ସହନଶୀଳ ଏବଂ ଏହା ମଧ୍ୟମ ସମୟ ସୀମା ମଧ୍ୟରେ ପାଚିଥାଏ ।

## ୩. ଧରଣୀ (TCGS 1043)

ଚିନାବାଦାମ କିସମ ଧରଣୀ ଷ୍ଟେଟ୍ ଭେରାଇଟି ରିଲିଜି କମିଟି (SVRC) ଦ୍ୱାରା ୨୦୧୨ମସିହାରେ ପ୍ରକାଶିତ ହୋଇଥିଲା । ଏହି କିସମଟି ପରିପକ୍ୱ ହେବାପାଇଁ ୧୦୦-୧୦୫ ଦିନ ଲାଗିଥାଏ । ଉଭୟ ଖରିଫ ଓ ରବି ଋତୁରେ ଏହି କିସମଟି ଚାଷ ପାଇଁ ଉପଯୁକ୍ତ କ୍ଷଧରଣୀ କିସମଟି ଉଚ୍ଚ ଫଳନଶୀଳ (ହାରାହାରି୧୬-୨୬ କୁଇଣ୍ଟାଲ ଖରିଫ ଋତୁରେ ଏବଂ ୩୭-୪୩ କୁଇଣ୍ଟାଲ ରବି ଋତୁରେ ପ୍ରତି ହେକ୍ଟର ପିଛା) । ଏହାର ଫଳ ଦେଖିବାକୁ ଆକର୍ଷଣୀୟ, ଏକା ସମୟରେ ପାଚିଥାଏ ଓ ୩୫ ଦିନ ପର୍ଯ୍ୟନ୍ତ ମରୁଡି ସହିପାରେ ।

## ୪. ଧିରାଜ (TCGS-1073)

ଚିନାବାଦାମ କିସମ ଧିରାଜ ଷ୍ଟେଟ୍ ଭେରାଇଟି ରିଲିଜି କମିଟି (SVRC) ଦ୍ୱାରା ୨୦୧୮ମସିହାରେ ପ୍ରକାଶିତ ହୋଇଥିଲା । ଏହି କିସମଟି ପରିପକ୍ୱ ହେବାପାଇଁ ୧୦୫-୧୧୦ ଦିନ ଲାଗିଥାଏ । ଉଭୟ ଖରିଫ ଓ ରବି ଋତୁରେ ଏହି କିସମଟି ଚାଷ ପାଇଁ ଉପଯୁକ୍ତ । ଧିରାଜ କିସମଟି ଉଚ୍ଚ ଫଳନଶୀଳ (ହାରାହାରି ୧୫-୨୨ କୁଇଣ୍ଟାଲ ଖରିଫ ଋତୁରେ ଏବଂ ୩୪-୪୦ କୁଇଣ୍ଟାଲ ରବି ଋତୁରେ ପ୍ରତି ହେକ୍ଟର ପିଛା) । ଏହା ଉପଯୁକ୍ତ ଜଳ ବ୍ୟବହାରକାରୀ କିସମ ଉଭୟ ଖରିଫ ଓ ରବି ଋତୁରେଜଳ ସେଚନ ବ୍ୟବସ୍ଥାରେ ଚାଷ ଉପଯୋଗୀ କିସମ ଅଟେ ।

## ୫. ପ୍ରଗତି (TCGS 894):

ଚିନାବାଦାମ କିସମ ପ୍ରଗତ(TCGS 894)ସେଣ୍ଟ୍ରାଲ ଭେରାଇଟି ରିଲିଜି କମିଟି (CVRC) ଦ୍ୱାରା ୨୦୧୮ ମସିହାରେ ପ୍ରକାଶିତ ହୋଇଥିଲା । ଏହି କିସମଟି ରବି ଋତୁରେ ପରିପକ୍ୱ ହେବାପାଇଁ ୧୦୫ ଦିନ ଲାଗିଥାଏ । ରବି ଋତୁରେ ଏହି କିସମଟି ଚାଷ ପାଇଁ ଉପଯୁକ୍ତ । ପ୍ରଗତି(TCGS 894)କିସମଟି ଉଚ୍ଚ ଫଳନଶୀଳ (ହାରାହାରି ୨୮ କୁଇଣ୍ଟାଲ ପ୍ରତି ହେକ୍ଟର ପିଛା), ଫଳ ଦେଖିବାକୁ ଆକର୍ଷଣୀୟ, ଉପଯୁକ୍ତ ଜଳ ବ୍ୟବହାରକାରୀ କିସମ ଏବଂ ଶୀଘ୍ର ପାଚିବା କିସମ ଅଟେ ।

## ୬. କାଦିରି ଲେପାକସି(K1812) :

ଚିନାବାଦାମ କିସମ କାଦିରି ଲେପାକସି(K1812) ସେଣ୍ଟ୍ରାଲ ଭେରାଇଟି ରିଲିଜି କମିଟି (CVRC) ଦ୍ୱାରା ୨୦୨୦ ମସିହାରେ ପ୍ରକାଶିତ ହୋଇଥିଲା । ଏହି କିସମଟି ଖରିଫ ଋତୁରେ ପରିପକ୍ୱ ହେବାପାଇଁ ୧୧୨ ଦିନ ଲାଗିଥାଏ । ଉଭୟ ଖରିଫ ଓ ରବି ଋତୁରେ ଏହି କିସମଟି ଚାଷ ପାଇଁ ଉପଯୁକ୍ତ । କାଦିରି ଲେପାକସ(K1812)କିସମଟି ଉଚ୍ଚ ଫଳନଶୀଳ (ହାରାହାରି ୩୫ କୁଇଣ୍ଟାଲ ପ୍ରତି ହେକ୍ଟର ପିଛା), ଅଧିକ ଶାଖାଯୁକ୍ତ ସ୍ପେନିସ ଭେରଇଟି, ଅଧିକ ତେଲ ଯୁକ୍ତ (୫୧%) ଏବଂ ଅଧିକ ପୁଷ୍ଟିଯୁକ୍ତ । ଏହା ମରୁଡି, ରୋଗ ଓ ପୋକ ପ୍ରତିରୋଧକ କିସମ ଅଟେ । ଏପରିକି ଏହି କିସମ ଅଧିକ ମରୁଡିରେ ମଧ୍ୟ ହେକ୍ଟର ପିଛା ୧୫- ୨୦ କୁଇଣ୍ଟାଲ ଅମଳ ଦେଇଥାଏ ।

## ବୁଣିବା ପ୍ରଣାଳୀ :

ମାଟିକୁ ୪-୫ଓଡ଼ ଗୁଣ୍ଡ ଚାଷ କରି ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୪ଟନ୍ ସଢ଼ା କମ୍ପୋଷ୍ଟ, ମୂଳସାର ଓ ୧୦କି.ଗ୍ରା. ମିଥାଇଲ୍ ପାରାଥିଅନ୍ ୨% ଗୁଣ୍ଡ ମିଶାଯାଏ । ଅମ୍ଳୀୟ ମାଟିରେ ବୁଣିବାର ୧ ମାସ ପୂର୍ବରୁ ୨୦୦କି.ଗ୍ରା. ଚୂନପଥର ଗୁଣ୍ଡ କିମ୍ବା ୫୦୦କି.ଗ୍ରା.କଳ ମଇଳା ମିଶାଇବା ଉଚିତ୍ । ଅମ୍ଳୀୟ ମାଟିରେ ପ୍ରତି ବାବର୍ଷରେ ଏହା ପ୍ରୟୋଗ କରାଯାଏ । ଏହି ସମୟରେ ଏକର ପ୍ରତି ୧୦୦କି.ଗ୍ରା. ଜିପ୍‌ସମ ପ୍ରୟୋଗ କଲେ ଚିନାବାଦାମ ଫମ୍ପା ନହେବା ସହିତ ମଞ୍ଜିର ତେଲ ଅଂଶ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ମଞ୍ଜି ଗୁଡିକୁ କିସମ ଅନୁସାରେ ଲଙ୍ଗଳ ପଛରେ କିମ୍ବା ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ନିର୍ଦ୍ଦିଷ୍ଟ ଦୂରତାରେ ବୁଣାଯାଏ । ଋତୁ ଅନୁସାରେ ବୁଣିବା ସମୟ ନିମ୍ନରେ ପ୍ରଦାନ କରାଗଲା । ବିଶୋଧିତ ବିହନ ଗୁଡିକ ବତର ଥିବା ମାଟିରେ ୫ସେ.ମି. ଗଭୀରରେ ବୁଣି ମାଟିକୁ ସମତୁଲ କରାଯାଏ । ରବି ଋତୁରେ ଧାଡିକୁ ଧାଡି ୨୦ସେ.ମି. ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ରଖାଯାଏ । ମଞ୍ଜି ବୁଣିବା ସମୟରେ ଜମିରୁ କାଉ ଓ ପାରା ବିହନ ନ ଖାଇବା ଉଚିତ୍ ।

| କ୍ରମିକ ନଂ | ଋତୁ | ଲଗାଇବା ସମୟ |
|---|---|---|
| ୧ | ବର୍ଷା | ଜୁନ୍ |
| ୨ | ଶୀତ | ସେପ୍ଟେମ୍ବର - ଅକ୍ଟୋବର |
| ୩ | ଗ୍ରୀଷ୍ମ | ଜାନୁଆରୀ - ଫେବୃଆରୀ |

## ସାର ପ୍ରୟୋଗ :

ବୁଣିବା ସମୟରେ ଏକର ପ୍ରତି ୮କି.ଗ୍ରା. ଯବକ୍ଷାରଜାନ ଏବଂ ୧୬କି.ଗ୍ରା ଲେଖାଏଁ ଫସ୍‌ଫରସ୍ ଓ ପୋଟାସିୟମ୍ ସାର ଉପାଦାନ ପ୍ରୟୋଗ କରାଯାଏ । ସମସ୍ତ ଖତ ଓ ସାରକୁ ପ୍ରଥମେ ସିଆରରେ ଦେଇ ମାଟି ଘୋଡାଇ ମଞ୍ଜି ଲଗାଇଲେ ଅଧିକ ଉପକାର ମିଳିଥାଏ । କ୍ୟାଲସିୟମ୍ ଓହଳରୁ ଖୋସା ପ୍ରସ୍ତୁତିରେ ଏବଂ ଚିନାବାଦାମ ଫମ୍ପା ନହେବାରେ ସାହାଯ୍ୟ କରେ । ସେହିପରି ସଲଫର ତେଲର ମାତ୍ରା ବୃଦ୍ଧି କରିଥାଏ । ତେଣୁ ଚିନାବାଦାମ ବୁଣିବାର ୧୫ ଦିନ ପୂର୍ବରୁ ଏକର ପ୍ରତି ୧୦୦

କି.ଗ୍ରା. ଜିପସମ୍ ପ୍ରୟୋଗ କରିବା ଉଚିତ୍ । ଯେଉଁଥିରେକି ୨୨.୩% କ୍ୟାଲସିୟମ୍ ଓ ୧୮.୬% ସଲଫର ରହିଛି । ମାତ୍ର ଫସ୍‌ଫରସ୍ ପାଇଁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ବ୍ୟବହାର କରୁଥିଲେ ଜିପସମ୍‌ର ଆବଶ୍ୟକ ପଡେନାହିଁ । ଜିପସମ୍ ପୂର୍ବରୁ ପ୍ରୟୋଗ କରିନଥିଲେ ଲଗାଇବାର ୨୦-୨୫ଦିନ ମଧ୍ୟରେ ଧାଡ଼ିର ୫-୭ସେ.ମି. ଦୂରରେ ୩ସେ.ମି. ଗଭୀରରେ ପ୍ରୟୋଗ କରାଯାଏ ।

## ପରବର୍ତ୍ତୀ ଯତ୍ନ :

ପ୍ରଥମ ଗଛ ଉଠିବାର ୭-୧୦ଦିନ ମଧ୍ୟରେ ଖାଲିଥିବା ସ୍ଥାନରେ ପୁନଶ୍ଚ ମଞ୍ଜି ଲଗାଯାଏ । ଲଗାଇବାର ୨୦ଦିନ ମଧ୍ୟରେ କୋଡା ଖୋସା କରି ଅନାବନା ଗଛ ବଛାଯାଇ ଗଛ ମୂଳକୁ ହୁଡା ଟେକି ଦେବା ଆବଶ୍ୟକ । ଲୋଟଣୀ କିସମର ୩୦ଦିନ ବେଳକୁ ଆଉଥରେ ଘାସ ବଛାଯାଇପାରେ । ସିଧା କିସମ ଲଗାଯାଇଥିବା ଜମିରେ ଗଜା ହେବାର ୩୫ଦିନ ପରେ ପଶିବା ଅନୁଚିତ୍ । ଏପରି କଲେ ଓହଳ ଛିଣ୍ଡିଯିବାର ସମ୍ଭାବନା ଥାଏ । ବିହନ ବୁଣିବାର ପୂର୍ବଦିନ ଫ୍ଲୁକ୍ଲୋରାଲିନ୍ ୪୮ଇସି (୮୦୦ମି.ଲି./ଏକର) କିମ୍ବା ପରଦିନ ପେଣ୍ଡିମେଥାଲିନ୍ ୩୦ଇସି( ୧୩୦୦ ମି.ଲି./ଏକର) କିମ୍ବା ଅକ୍ସିଫ୍ଲୁରୋଫେନ୍ ୨୩.୫ ଇସି (୫୦୦ମି.ଲି./ଏକର) ୨୦୦ଲିଟର ପାଣିରେ ମିଶାଇ ପ୍ରୟୋଗ କଲେ ଅନାବନା ଗଛ କମ୍ ଉଠିଥାଏ ।

ବର୍ଷାଦିନିଆ ବିନାବାଦାମରେ ଜଳସେଚନ ଆବଶ୍ୟକ ହୋଇନଥାଏ । ମାତ୍ର ପାଗ ଶୁଖିଲା ରହିଲେ ଜଳସେଚନ କରାଯାଏ । ଖରାଟିଆ ଚିନାବାଦାମରେ ୭-୧୦ଦିନ ବ୍ୟବଧାନରେ ମାଟିର ବତର ଦେଖି ଜଳସେଚନ କରାଯାଏ । ସର୍ବାଧିକ ଫୁଲ ଧରିବା ସମୟ, ଓହଳ ମାଟିରେ ପଶିବା ତଥା ଫଳ ବୃଦ୍ଧି ସମୟରେ ଜଳସେଚନ କଲେ ଅମଳ ବଢ଼ିଥାଏ । ଅମଳ ପୂର୍ବରୁ ହାଲୁକା ଜଳସେଚନ କଲେ ଅମଳରେ ସୁବିଧା ହୋଇଥାଏ ।

## ରୋଗ ପୋକ ପରିଚାଳନା :

### ୧) ଟୀକା ରୋଗ :

ପତ୍ରରେ ଓ କାଣ୍ଡରେ ବାଦାମୀରୁ କଳା ରଙ୍ଗର ଗୋଲାକାର ଦାଗ ଦେଖାଯାଏ । ପ୍ରଥମେ ତଳ ପତ୍ରରେ ଆରମ୍ଭ ହୋଇ ପରେ ଉପର ପତ୍ରକୁ ଆସେ ।

ଏହି ଦାଗ ଗୁଡିକ କ୍ରମେ ପରସ୍ପର ମିଶିଯାନ୍ତି, ପତ୍ର ହଳଦିଆ ହୋଇ ଝଡିପଡେ ଓ ଅମଳ କମିଯାଏ । ଗଛ ୨ମାସ ହେବା ବେଳକୁ ଏହି ରୋଗ ଲାଗିଯାଏ ।

## ପରିଚାଳନା :

ଟୀକା ରୋଗରୁ ରକ୍ଷା ପାଇବା ପାଇଁ ପ୍ରତି କିଲୋଗ୍ରାମ୍ ମଞ୍ଜିରେ ୧୦ଗ୍ରାମ୍/ ୧୦ମିଲି.ସୁଡୋମୋନାସ୍ ଫ୍ଲୋରୋସେନ୍ସ ୦.୫% ଡବ୍ଲୁ.ପି./ ୧.୫% ଏ.ଏସ୍. କିମ୍ବା ୪ଗ୍ରାମ୍ ଟ୍ରାଇକୋଡ଼ର୍ମା ଭିରିଡେ କିମ୍ବା ୨.୫ଗ୍ରାମ୍ କାପ୍‌ଟାନ୍ କିମ୍ବା ୩ଗ୍ରାମ ଥିରାମ୍ କିମ୍ବା ୨ଗ୍ରାମ୍ କାର୍ବୋକ୍ସିନ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଏହାସତ୍ତ୍ୱେ ରୋଗର ଲକ୍ଷଣ ଦେଖାଗଲେ ଫସଲରେ ଏକର ପ୍ରତି ୬୦୦-୧୦୦୦ ଗ୍ରାମ୍ ଗନ୍ଧକ ୮୦ ଡବ୍ଲୁ.ପି. କିମ୍ବା ୬୦୦ ମିଲି. ହେକ୍ସାକୋନାଜଲ ୫% ଇ.ସି. କିମ୍ବା ୨୦୦-୩୦୦ମିଲି. ଟେବୁକୋନାଜଲ ୨୫.୯% ଇସି. କିମ୍ବା ୪୦୦-୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ୍ ୬୩% କିମ୍ବା ୬୦୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୨୦୦ ଲିଟର ପାଣିରେ ମିଶାଇ ଆବଶ୍ୟକ ଅନୁଯାୟୀ ସିଞ୍ଚନ କରନ୍ତୁ । ସହନଶୀଳ କିସମ ଟି.ଏ.ଜି. ୨୪ ବ୍ୟବହାର କରାଯାଏ ।

## ୨) ଗଜା ସଢ଼ା ରୋଗ :

ଏହି ରୋଗ ମଞ୍ଜି ଓ ମାଟିରୁ ବ୍ୟାପିଥାଏ । ଏହାଦ୍ୱାରା ମଞ୍ଜି ଭିତର ଗଜାଟି ମରିଯାଇଥାଏ କିମ୍ବା ଗଜାହେବା ପରେ ପ୍ରଥମ ବୀଜ ପତ୍ର ଦୁଇଟି ପାଖରେ କଳା ଫିମ୍ପି ମାଡିଯାଇ ତାହା ସଢ଼ିଯାଏ ।

## ପରିଚାଳନା :

ଗୋଟିଏ ଜମିରେ ବାରମ୍ବାର ଚିନାବାଦାମ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରାଯାଏ । ବିହନକୁ ବିଶୋଧନ କରି ବୁଣିବା ଉଚିତ୍ । ରୋଗ ନିରୋଧକ କିସମ ଜେ-୧୧ ବ୍ୟବହାର କରାଯାଇପାରେ ଫସଲରେ ରିଡୋମିଲ ଏମ୍.ଜେଡ୍ (୪୦୦ ଗ୍ରାମ/ଏକର) ସିଞ୍ଚନ କରାଯାଏ ।

## ୩) କାଣ୍ଡ ପଚାରୋଗ :

ଗଛର ମୂଳ ପାଖରୁ କାଣ୍ଡ ସଢିଯାଇ ଫିମ୍ପି ମାଡ଼ିଯାଏ । ଗଛ ହଳଦିଆ ପଡ଼ିଯାଏ । ଫଳ ଓ ମାଟି ଭିତରେ ଥିବା କାଣ୍ଡ ଆକ୍ରାନ୍ତ ହୋଇପାରେ । ଖରା ଓ ବର୍ଷା ପାଗ ଅଦଳ ବଦଳ ଭାବରେ ହେଲେ ଏହି ରୋଗ ଅଧିକ ହୁଏ ।

**ପରିଚାଳନା :**

ଫସଲ ପର୍ଯ୍ୟାୟ ଅନୁସରଣ କରନ୍ତୁ । ବିହନ ବିଶୋଧନ କରନ୍ତୁ । ଗଛ ମୂଳରେ ମେଟାଲାକ୍ସିଲ୍ + ମାଙ୍କୋଜେବ୍ (୪୦୦ ଗ୍ରାମ୍ /ଏକର) ସ୍ପ୍ରେ କରାଯାଏ ।

**୪) କଳଙ୍କି ରୋଗ :**

ପ୍ରଥମେ ପତ୍ରର ତଳପଟେ ଇଷତ୍ ଲାଲ ରଙ୍ଗର ଲୁହା କଳଙ୍କି ପରି ଦାଗ ଦେଖାଯାଏ ।

**ପରିଚାଳନା :**

ଫସଲରେ କ୍ଲୋରୋଥାଲୋନିଲ୍ (୪୪୦ଗ୍ରାମ୍/ ଏକର) ସିଞ୍ଚନ କରାଯାଏ ।

**୫) ଜଉ ପୋକ :**

ଛୋଟ ଛୋଟ କଳା ରଙ୍ଗର ପୋକ କଅଁଳ ଅଗିଲା ଡାଳରୁ ରସ ଶୋଷି ଖାଇବା ଦ୍ୱାରା ପତ୍ର ଲୋଚାକୋଚା ହୁଏ ଓ ଫଳ ଶୁଖିଯାଏ ।

**ପରିଚାଳନା**

ଫସଲରେ ଇମିଡାକ୍ଲୋପ୍ରିଡ୍(୪୦୦ମି.ଲି./ଏକର) କିମ୍ୱା ମିଥାଇଲ୍ ଡିମେଟନ୍ ୨୫ଇସି (୪୦୦ମି.ଲି./ଏକର) ସ୍ପ୍ରେ କରାଯାଏ ।

**୬) ନାଲି ସଂବାଳୁଆ**

ବର୍ଷା ଦିନିଆ ପ୍ରଥମ ବର୍ଷା ପରେ ଚିନାବାଦାମ ଗଛର ପତ୍ର ତଳେ ସଂବାଳୁଆ ଅଣ୍ଡା ଦିଅନ୍ତି । କଳା ମୁଣ୍ଡ ଓ ଇଷତ୍ ହଳଦିଆରୁ ଲାଲ୍ ରଙ୍ଗର ସଂବାଳୁଆ ଗୁଡିକ ପତ୍ର ଓ ଫୁଲ ଖାଇ ଗଛକୁ ଲଣ୍ଡା କରନ୍ତି ।

**ପରିଚାଳନା :**

ଫସଲରେ କ୍ୟୁନାଲଫସ୍ ୨୫ଇସି (୪୦୦ମି.ଲି./ଏକର) ସିଞ୍ଚନ କରାଯାଏ ।

**୭) ପତ୍ର ସୁଡଙ୍ଗୀ ପୋକ :**

ଶୂକଗୁଡିକ ପତ୍ର ଭିତରେ ପଶି ସବୁଜ ଅଂଶ ଖାଇଥାନ୍ତି । ପତ୍ରରେ ଧଳା ରଙ୍ଗର ଗାର ପଡ଼ିବା ପରି ଚିହ୍ନ ଦେଖାଯାଏ । ପରେ ଶୂକ୨-୩ ଗୋଟି ପତ୍ରକୁ ଏକାଠି କରି ଜାଲ ବାନ୍ଧି ଲୁଚି ସବୁଜ ଅଂଶ ଖାଇଥାଏ ।

**ପରିଚାଳନା :**

ଅଧିକ ଆକ୍ରାନ୍ତ ପତ୍ର ଛିଣ୍ଡାଇ ଦେଇ ଫସଲରେ ଟ୍ରାୟାଜୋଫସ୍ ୪୦ଇସି (୪୦୦ମି.ଲି. /ଏକର) ସିଞ୍ଚନ କରାଯାଏ ।

**୮) ଭକୁଣୀ ପୋକ :**

ଏହି ପୋକ ଗୁଡିକ ଅଗ ପତ୍ର ଭିତରେ ରହି ରସ କୋରି ଖାଇବାରୁ ପତ୍ର ଲୋଚା କୋଚା ହୋଇଥାଏ । ଗଛ ହଳଦିଆ ପଡ଼ି ଶୁଖିଯାଏ । ଫେବୃଆରୀ ରୁ ମେ ମାସ ଯାଏଁ ଏହି ପୋକ ଅଧିକ ଦେଖାଯାଏ ।

**ପରିଚାଳନା :**

ଫସଲରେ ଡାଇମିଥୋଏଟ୍ ୩୦ଇସି କିମ୍ବା ମିଥାଇଲ୍ ଡିମେଟନ୍ ୨୫ଇସି (୪୦୦ମି.ଲି /ଏକର) ସ୍ପ୍ରେ କରାଯାଏ ।

**୯) ଧଳା ମାଛି :**

ଧଳା ରଙ୍ଗର ମାଛି ଗୁଡିକ ପତ୍ର ତଳପଟେ ରହି ରସ ଶୋଷି ଖାଇବାରୁ ପତ୍ର ଲୋଚା କୋଚା ହୋଇଯାଏ । ଭୂତାଣୁ ଜନିତ ରୋଗ ବ୍ୟାପିବାରେ ସାହାଯ୍ୟ କରିଥାନ୍ତି ।

**ପରିଚାଳନା :**

ଫସଲରେ ଇମିଡାକ୍ଲୋପ୍ରିଡ଼(୮୦ ମି.ଲି./ ଏକର) ସ୍ପ୍ରେ କରାଯାଇଥାଏ ।

## ୧୦) ବିହାରୀ ସଂବାଳୁଆ :

ପତ୍ର ତଳେ ଟୟୋଫସ୍ (୪୦୦ ମି.ଲି./ ଏକର) ସ୍ପ୍ରେ କରାଯାଇଥାଏ ।

## ୧୧) ପତ୍ର ଡିଆଁ ପୋକ :

ଛୋଟ ଛୋଟ ପୋକଗୁଡିକ ପତ୍ର ତଳେ ରହି ରସ ଶୋଷି ଖାଇଥାନ୍ତି । ପତ୍ର ହଳଦିଆ ଦେଖାଯାଏ ।

**ପରିଚାଳନା :**

ଫସଲରେ ଇମିଡାକ୍ଲୋପ୍ରିଡ୍ ୨୦୦ ଏସ୍.ଏଲ୍.(୮୦୦ ମି.ଲି. /ଏକର) ସ୍ପ୍ରେ କରାଯାଏ ।

**୧୨) ଅଷ୍ଟପଦି ପୋକ :**

ଖୁବ୍ ଛୋଟ ଏବଂ ଖାଲି ଆଖିରେ ଦେଖାଯାଉନଥିବା ପୋକ ଗଛର ବିଭିନ୍ନ ଅଂଶରୁ ରସ ଶୋଷିବାରୁ ପତ୍ର ପାଉଁଶିଆ ପଡ଼ି ଅମଳ କମିଯାଏ ।

**ପରିଚାଳନା :**

ଫସଲରେ ଡାଇକୋଫଲ୍ ୧୮.୫ଇସି (୪୦୦ମି.ଲି./ଏକର) ସ୍ପ୍ରେ କରାଯାଏ ।

**୧୩) ଧୂଆଁ ପତ୍ର ସଂବାଲୁଆ :**

ସଂବାଲୁଆର ଦେହ ଚିକ୍କଣ ଓ ଦୁଇ ଧାରରେ କଳାଦାଗ ରହିଥାଏ । ଏମାନେ ପତ୍ରକୁ ଖାଇ ଲଣ୍ଡା କରିଦିଅନ୍ତି ।

**ପରିଚାଳନା :**

ଫସଲରେ ପ୍ରୋଫେନୋଫସ୍ ୫୦%ଇସି (୪୦୦ମି.ଲି. /ଏକର) ସ୍ପ୍ରେ କରାଯାଏ ।

**୧୪) ଧବଳ ଶୃଙ୍ଗ ପୋକ :** ଶୁକ ଗୁଡିକ ମାଟି ତଳେ ଥିବା ଚେରଖାଏ । ଚେର ଛିଣ୍ଡିବାରୁ ଗଛ ଝାଉଁଳି ମରିଯାଏ ।

**ପରିଚାଳନା :**

ବିହନ ବୁଣିବା ସମୟରେ ଏକର ପ୍ରତି ୧୦-୧୨କି.ଗ୍ରା. କ୍ଲୋରପାଇରିଫସ୍ ୧.୫%ଗୁଣ୍ଡ ପ୍ରୟୋଗ କରାଯାଏ ।

**୧୫) କାନ କୁଟୁଲୀ ପୋକ :**


ପୂର୍ଣ୍ଣାଙ୍ଗ ପୋକ ଗୁଡିକ ପାକଳ ବାଦାମକୁ କଣା କରି ମଞ୍ଜି ଖାଇସାରିବା ପରେ ସେଥିରେ ମାଟି ଭର୍ତ୍ତି କରିଦିଏ ।


**ପରିଚାଳନା :**


କ୍ଲୋରପାଇରିଫସ୍ ୧.୫ % ଗୁଣ୍ଡ ( ୧୦କି.ଗ୍ରା./ଏକର) ପ୍ରୟୋଗ କରାଯାଏ ।

**ଅମଳ :**

କିସମ ଓ ଋତୁ ଅନୁସାରେ ବୁଣିବାର ୯୫-୧୫୦ଦିନରେ ଚିନାବାଦାମ ଅମଳ କରାଯାଏ । ଏହି ସମୟରେ ଗଛ ହଳଦିଆ ହୁଏ, ମଞ୍ଜିର ଚୋପା ପାଚଳ ରଙ୍ଗ ଦେଖାଯାଏ ଏବଂ ଚୋପାର ଭିତର ପଟରେ କଳାରାଶି ଦେଖାଯାଏ । ସାଧାରଣତଃ ଫଳ ଧାରଣର ୨ମାସରେ ଫଳ ପାକଳ ହୋଇଥାଏ । ମାଟିରେ ପାଗ ଥିବା ଅବସ୍ଥାରେ ହାତରେ ଟାଣି ଅମଳ କରାଯାଏ । ଅନ୍ୟଥା ହାଲୁକା ଜଳସେଚନ କରାଯାଏ । ଫଳଗୁଡିକ ହାତରେ ଛିଣ୍ଡାଇ ଖରାରେ ଶୁଖାଇ ରଖାଯାଏ । ଏକର ପ୍ରତି ବର୍ଷା ଦିନିଆ ଫସଲରୁ ୪-୫କ୍ୱିଣ୍ଟାଲ ଏବଂ ଶୀତ ଓ ଗ୍ରୀଷ୍ମ ଋତୁ ଫସଲରୁ ୮-୧୦ କ୍ୱିଣ୍ଟାଲ ଶୁଖିଲା ବାଦାମ ମିଳିଥାଏ ।






CLUSTER FRONTLINE
DEMONSTRATION ON OILSEEDS



Training programme on seed production and primary processing of Groundnut



Vegetative stage



Flowering stage



Pod Development stage






Field Day of CFLD on Oilseeds (Groundnut)

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
email : kvk.gajapati@ouat.ac.in